## ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୧୬ ।୨(ସମିସ): ହାତୀକୋଟ ଅଞ୍ଚଳରେ ପୁଲିସ ଚଢଉକରି ଶୁକ୍ରବାର ଏକ ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ କରିଛି। ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ ଏବଂ ଚୋରା ଚାଲାଣ ନେଇ ଖବର ପାଇବାପରେ ପୁଲିସ ଚଢଉ କରିଥିଲା। ଚଢ଼ଉ ସମୟରେ ଚୋରା ବାଲି ବୋଝେଇ ଟ୍ରାକ୍ଟର ଚାଳକ ଗାଡି ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଜବତ ବାଲି ଟ୍ରାକ୍ଟରକୁ ଥାନାକୁ ଆଣି ମାମଲା ରୁଜୁ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

## ଅବକାରୀ ବିଭାଗର ଚଢ଼ଉ; ୨ ମହିଳା ଗିରଫ

ବେତନଟୀ, ୧୬ ।୨(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ପୃଥକ ସ୍ଥାନରେ ଚଢଉକରି ଚୋରା ଦେଶୀମଦ ଜବତ ସମେତ ଦୁଇଜଣ ମହିଳାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ମହିଳାମାନେ ହେଉଛନ୍ତି ବଡସାହି ଥାନା ଅଧୀନ ହଳଦୀପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେଶ୍ରାର ସ୍ତ୍ରୀ ସୀତା ଏବଂ କେନ୍ଦୁଡିହା ଗ୍ରାମର ଦିଲ୍ଲୀପ ମହାନ୍ତର ସ୍ତ୍ରୀ ରାଇଶ୍ୱରୀ ମହାନ୍ତ। ସୀତା ନିକଟରୁ ୧୨ଲିଟର ଦେଶୀମଦ ଏବଂ ରାଇଶ୍ୱରୀ ନିକଟରୁ ୪୫ଲିଟର ରନ୍ଧାମଦ ଜବତ କରାଯାଇଥିଲା। ଏଥିସହିତ ରାଇଶ୍ୱରୀ ଘରପଛପଟେ ଚଲାଇଥିବା ଚୋରା ଦେଶୀମଦ କାରଖାନା ଉପରେ ଚଢଉକରି ୪ଶହ କିଲୋ ମହୁଲପୋଚ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମକୁ ନଷ୍ଟ କରାଯାଇଛି। ସେହିପରି ୪୫ ଲିଟର ରନ୍ଧାମଦ ସମେତ ଆଲୁମିନିୟମ ଡେକଚି ଓ ଅନ୍ୟାନ୍ୟ ସରଞ୍ଜାମକୁ ଜବତ ମଧ୍ୟ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଝରାଡିହି, ୧୬।୨(ସମିସ): ତିରିଙ୍ଗ ଥାନା ଝରାଡିହି ଫାଣ୍ଡି ଅଧୀନ ଝରାଡିହି-ପୋଖରିଆ ରାସ୍ତା ପାର୍ଶ୍ୱରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଝରାଡିହି ପଞ୍ଚାୟତ କୁଲଢିହା ଗ୍ରାମର ତ୍ରୈଲୋକ୍ୟ ନାଏକଙ୍କ ପୁଅ ସୁଫଲ ନାୟକ(୪୨)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଚା’ ଦୋକାନରୁ ବିଦେଶୀ ମଦ ଜବତ

କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ଏନଏସି କାର୍ଯ୍ୟାଳୟ ଛକରେ ଥିବା ଏକ ଚା’ ଦୋକାନରୁ ମଦ ଜବତ ହୋଇଛି। ଏଏସଆଇ ସାଲଖାନ ହେମ୍ବ୍ରମ ସନ୍ଧ୍ୟାକାଳୀନ ସହର ପାଟ୍ରୋଲିଂ କରୁଥିବା ସମୟରେ ଚା’ ଦୋକାନରେ ମଦ ବିକ୍ରି ହେଉଥିବା ଖବର ପାଇଥିଲେ। ପରେ ସେଠାରୁ ୬ ବୋତଲ ବିଦେଶୀ ମଦ ଜବତ ହୋଇଥିଲା।

# ହିଙ୍ଗୁଳା ପୀଠରେ ଜଗନ୍ନାଥ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ

ବଡ଼ସାହି, ୧୬ ।୨(ସମିସ)

ଗୁରୁବାର ସୁହାଗପୁର କଉଡ଼ିଖଣି ମା’ ହିଙ୍ଗୁଳାଙ୍କ ପୀଠରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୀଠର ବ୍ରହ୍ମା ଅନିରୁଦ୍ଧାଚାର୍ଯ୍ୟଙ୍କ

### ୨୭ରେ ମା’ଙ୍କ ବାର୍ଷିକ ବଡ଼ପୂଜା ଅଗ୍ନି ଉତ୍ସବ

ନେତୃତ୍ୱରେ ବୈଦ୍ୟନାଥ ପ୍ରେମାନନ୍ଦ ନିରଞ୍ଜନ ସିଦ୍ଧେଶ୍ୱର ପରମେଶ୍ୱର ପ୍ରମୁଖ ବ୍ରାହ୍ମଣମାନେ ବନଯାଗ କରି ବରୁଣ ଓ ଶାହାଡ଼ା ଗଛକୁ ପୂଜାର୍ଚ୍ଚନା କରିଥିଲେ। ପରେ ସୁନା ଏବଂ ରୂପା କୁରାଢ଼ିରେ ଶାଖାଛେଦନ କରାଯାଇଥିଲା। ଏହି ଦୁଇ ଶାଖାରେ ଯଥାକ୍ରମେ ଦେବରାଜ ଇନ୍ଦ୍ର ଓ ସଚ୍ଚିଦେବୀଙ୍କ ପ୍ରତିମା ଗଠନ କରି ଦେବଦମ୍ପତିଙ୍କୁ ଷୋଡ଼ଶୋପଚାର ପୂଜାର୍ଚ୍ଚନା କରାଯାଇଥିଲା। ପରେ ଦୁହିଁଙ୍କୁ ସସମ୍ମାନେ ଶିରୋଧାରଣ କରି ବିଶ୍ୱକର୍ମା ଅଜୟ ମହାରଣା ଶ୍ରୀଜଗନ୍ନାଥ ମନ୍ଦିର ଶୀର୍ଷ ଦଧିନଉତି ଭିତରେ ସ୍ଥାପନ କରିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ନବରତ୍ନ ଅଷ୍ଟଧାତୁ ସହିତ ଭକ୍ତମାନେ ଘରୁ ଆଣିଥିବା ରୂପା ଟଙ୍କା, କଉଡ଼ି ଓ ଧାନ ଆଦି ରତ୍ନମୁଦରେ ସମର୍ପଣ କରିଥିଲେ। ସରପଞ୍ଚ ବାସନ୍ତୀ ସିଂ ମନ୍ଦିର ରତ୍ନମୁଦ ସମ୍ପାଦନ କରିଥିଲେ। ମା’ଙ୍କ ଚୂନରା ସେବକ କାର୍ତ୍ତିକ ବାରିକ୍ ଓ ସୋମନାଥ ମହଲା, ମନ୍ଦିର ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶଙ୍କ ସହିତ ରାଜେନ୍ଦ୍ର ବେହେରା, କାହ୍ନୁ ମହାପାତ୍ର, ସମରେନ୍ଦ୍ର ବେହେରା, ତୀର୍ଥାନନ୍ଦ ଦାଶ, ଗୌରହରି ବେହେରା, ଅଜୟ ଦ୍ୱିବେଦୀ, ହରେକୃଷ୍ଣ ବାରିକ୍, କାହ୍ନୁ ପାତ୍ର, ଶ୍ରୀନିବାସ ମହାନ୍ତି, କପିଳ ମହାନ୍ତି, ଶଶିଧର ମହାର୍ଣ୍ଣା ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉ କି ହିଙ୍ଗୁଳାପୀଠର ବାର୍ଷିକ ବଡ଼ପୂଜା ଅଗ୍ନି ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ପୁଣି ମା’ଙ୍କ ବଡ଼ପୂଜା ସହିତ ଯୋଡ଼ି ହୋଇଯାଇଛି ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ। ଏଥିପାଇଁ ସପ୍ତାହ ବ୍ୟାପୀ ଉତ୍ସବର ଆୟୋଜନ କରାଯାଇଛି।



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହ ମନ୍ଦିରରେ ପ୍ରତିଷ୍ଠିତ ହେବେ ଭୀମେଶ୍ୱର ମହାଦେବ ଓ ଭଗବାନ୍ ଶ୍ରୀରାମଚନ୍ଦ୍ର। ଏହି ଭବ୍ୟ ପ୍ରତିଷ୍ଠା ମହାଯଜ୍ଞ ସମାରୋହରେ ଶୁକ୍ରବାର ଅପରାହ୍ନରେ ବ୍ରାହ୍ମଣମାନେ ବରଣ ହୋଇ କର୍ତ୍ତାମାନଙ୍କୁ ପଞ୍ଚଗବ୍ୟରେ ଶୁଦ୍ଧ କରାଇ ପୀଠାଧିବାସ କରିବେ। ୨୪ ତାରିଖ ଶନିବାର ଅଗ୍ନି ଉତ୍ସବ ପୂର୍ଣ୍ଣିମା ଦିନ ପ୍ରଭାତରେ ପୁରୀରୁ ଆସି ପହଞ୍ଚିବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ସହିତ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଜୀଉ। ପରେ ସୂର୍ଯ୍ୟଦେବଙ୍କ ରଶ୍ମିରୁ ପବିତ୍ର ଅଗ୍ନି ସଂଗ୍ରହ କରି ଯଜ୍ଞର ଶୁଭାରମ୍ଭ ହେବ। ସେହିଦିନ ଦିନ ୧୦ଟା ବେଳକୁ ଶ୍ରୀମନ୍ଦିର ଶିଖରାଭିଷେକ ଲାଗି ମହିଳା ଭକ୍ତମାନେ ଗଙ୍ଗାହାର ନଦୀରୁ ଦୁଇ ହଜାର ସଂଖ୍ୟକ ଘଟ ଆଣି ଶୋଭାଯାତ୍ରାରେ ଆସିବେ। ୨୫ ତାରିଖ ରବିବାର ଯଜ୍ଞ ସହିତ ଗର୍ଭଶାୟୀ ଦେବତାଙ୍କର ମହାସ୍ନାନ ଓ ଶୟନ ତଥା ୨୬ ତାରିଖ ସୋମବାର ନୂତନ ମନ୍ଦିରର ପ୍ରତିଷ୍ଠା, ଚକ୍ର ସ୍ଥାପନ, ଧ୍ୱଜା ଉତ୍ତୋଳନ ତଥା ଶ୍ରୀବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ବିଧି ଅନୁଷ୍ଠିତ ହେବ। ୨୭ ତାରିଖ ମଙ୍ଗଳବାର ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା ଅଗ୍ନି ଉତ୍ସବ ଦେବୀଯଜ୍ଞ ସହ ପ୍ରତିଷ୍ଠିତ ଦେବତାଙ୍କ ଷୋଡ଼ଶୋପଚାର ପୂଜା ଓ ସର୍ବସାଧାରଣ ଦର୍ଶନ ହେବ। ୨୮ ତାରିଖ ବୁଧବାର ବିଷ୍ଣୁଯଜ୍ଞ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହସ୍ରାର୍ଚ୍ଚନ ଓ ୨୯ ତାରିଖ ଗୁରୁବାର ରୁଦ୍ରଯଜ୍ଞ ଓ ଯଜ୍ଞର ପୂର୍ଣ୍ଣାହୁତି ହେବ। ୨୪ ଓ ୨୫ ତାରିଖରେ ଗାୟକସମ୍ରାଟ ପଣ୍ଡିତ ଲକ୍ଷ୍ମୀଧର ରାଉତ ପାଲା ପରିବେଷଣ କରିବେ। ସେହିପରି ୨୮ ତାରିଖ ସଂଧ୍ୟାରେ ପ୍ରବଚନ ଦେବେ କନିଷ୍ଠ ପ୍ରବାଚକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର। ୨୯ ତାରିଖ ସଂଧ୍ୟାରେ ଭଜନ ପରିବେଷଣ କରିବେ ପ୍ରସିଦ୍ଧ ଗାୟକ ଅରବିନ୍ଦ ମୁଦୁଲିଙ୍କ ସୁପୁତ୍ର ଜଗଦୀଶ ମୁଦୁଲି ଓ ତାଙ୍କ ସାଥୀ କଳାକାର।

## ରାଇରଙ୍ଗପୁରରେ ବଲିଉଡ ଅଭିନେତା ଗୁଲଶନ ଗ୍ରୋଭର



ରାଇରଙ୍ଗପୁର, ୧୬ ।୨(ସମିସ): ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜଙ୍କ ଦ୍ୱାରା ଆୟୋଜିତ ଜନଜାତି କ୍ରୀଡ଼ା ମହୋତ୍ସବ-୨୦୨୪ ରାଇରଙ୍ଗପୁର କଚେରୀ ପଡ଼ିଆଠାରେ ଆୟୋଜିତ ହେଉଛି। କ୍ରୀଡ଼ା ଉତ୍ସବରେ ଜିଲ୍ଲାର ୨୬ଟି ଫୁଟବଲ ଦଳ ଭାଗନେଇଥିଲେ। ଉଦଯାପନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡ ଖଳନାୟକ ଅଭିନେତା ଗୁଲସନ୍ ଗ୍ରୋଭର ଯୋଗଦେଇଥିଲେ। ତାଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଏସଡିସି ଚେୟାରମ୍ୟାନ ଡଃ ଦେବାଶିଷ ମାର୍ଣ୍ଡି, ଏନଏସି ଚେୟାରମ୍ୟାନ୍ ଅଭିଷେକ ପଟ୍ଟନାୟକ, ଉପାଧକ୍ଷା ମମିତା ଚୌଧୁରୀ, ପିଏ ଆଇଟିଡିଏ ରାଇରଙ୍ଗପୁର ତନୁଜା ମହାନ୍ତ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୧୫ତମ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଆରମ୍ଭ

କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ଏନଏସି ୧୩ନଂ. ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପୀଠରେ ମାଘ ସପ୍ତମୀ ତିଥିରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଆରମ୍ଭ ହୋଇଛି। ଆଜି ୧୫୧ ପୁରୁଷ ଓ ମହିଳାଙ୍କ ଦ୍ୱାରା କଳସ ଯାତ୍ରାରେ ଘଟ ଉତ୍ତୋଳନ ହୋଇଥିଲା। ଆସନ୍ତା ୧୮ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ଟ୍ରଷ୍ଟ ବୋର୍ଡର ତ୍ରିଲୋଚନ ପତି, କର୍ଣ୍ଣାର୍ଜୁନ ସାହା, କୁମାର ଦେବାଶିଷ ବେହେରା, ସଚ୍ଚିଦାନନ୍ଦ ସାହା, ଦୀନବନ୍ଧୁ ମହାନ୍ତ, ପଦ୍ମନାଭ ମହାନ୍ତ, ନାଣ୍ଡି ଦାସ, ଗୌରୀ ସେଠୀ, ସୁରେଶ ମାଟିଆ, ଅଖିଳ ଗ୍ରହଚାର୍ଯ୍ୟ, କାଳିଆ ଗ୍ରହଚାର୍ଯ୍ୟ ଯଜ୍ଞ ପରିଚାଳନା କରୁଛନ୍ତି।

## ହିନ୍ଦୁ ଧର୍ମକୁ ଫେରିଲେ ୩ ପରିବାରର ୧୬ ସଦସ୍ୟ

ଠାକୁରମୁଣ୍ଡା, ୧୬।୨(ସମିସ): ଅନ୍ୟ ଧର୍ମ ପରିତ୍ୟାଗ କରି ହିନ୍ଦୁଧର୍ମକୁ ଫେରିଛନ୍ତି ୩ଟି ପରିବାର ୧୬ ଜଣ ସଦସ୍ୟ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା



ଅନ୍ତର୍ଗତ କେଶଡ଼ିହା କେଶଡ଼ିହା କଦଳୀବାଡ଼ି ସାହିରେ ଆଦିବାସୀ ହୋ ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେଥିରୁ ୧୬ଟି ପରିବାର ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ହେଲେ ସେଥିରୁ ଶୁକ୍ରବାର ୩ଟି ପରିବାରର ୧୬ ଜଣ ସଦସ୍ୟ ହିନ୍ଦୁଧର୍ମକୁ ଫେରିଛନ୍ତି। ଗ୍ରାମ ଦେହୁରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନିଜ ଧର୍ମକୁ ଫେରି ଆସିଥିବାରୁ ସ୍ୱାଗତ କରିଥିଲେ। ରାମ ଗାଗରାଇ ଏବଂ ତାଙ୍କ ପରିବାରର ସଦସ୍ୟ ଚାନ୍ଦୁ ଗାଗରାଇ, ଲଛମନ ଗାଗରାଇ, ମିରୁ ଗାଗରାଇ, ବୁଧୁନି ଗାଗରାଇ, ସୁରେନ୍ଦ୍ର ଗାଗରାଇ, ମେଞ୍ଜୀ ଗାଗରାଇ ଏବଂ ସରକା ଶୁଣ୍ଡିଙ୍କ ପରିବାରର ଲେମ୍ବ ଶୁଣ୍ଡି, ଯସ୍ମିତା ଶୁଣ୍ଡି, ବେଲମୀ ଶୁଣ୍ଡି, ପାଙ୍ଗିଲା ଶୁଣ୍ଡି, ଡ଼ଗେ ଶୁଣ୍ଡି ଏବଂ ସମା ଶୁଣ୍ଡିଙ୍କ ପରିବାର ସଦସ୍ୟ ମେଞ୍ଜୀ ଶୁଣ୍ଡି, ଗୋପୀ ଶୁଣ୍ଡି ପ୍ରମୁଖ ଗ୍ରାମ ଦେହୁରୀ ମାଣିକ ରାମ ବଦ୍ରା ପୂଜା ଅର୍ଚ୍ଚନା କରିବା ପରେ ସେମାନଙ୍କୁ ପବିତ୍ର କରିବା ପରେ ହିନ୍ଦୁ ଧର୍ମକୁ ଫେରି ଆସିଛନ୍ତି। ପରେ ସେମାନେ ଗ୍ରାମ ଭୋଜିରେ ସାମିଲ ହୋଇଥିଲେ। ତେବେ ଏହି ସଦସମ୍ୟମାନେ ନିଜ ଇଚ୍ଛାରେ ହିନ୍ଦୁ ଧର୍ମକୁ ଫେରିଥିବା ପ୍ରକାଶ କରିଛନ୍ତି।

## ସତ୍ୟସ୍ୱରୂପ କ୍ରିକେଟ; ଝାରସୁଗୁଡ଼ା ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଉଦଳା, ୧୬।୨(ସମିସ): ଉଦଳା ନାଗପାଳ ପଡ଼ିଆରେ ସପ୍ତମ ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଝାରସୁଗୁଡା ଦଳ ଝାରଖଣ୍ଡ ଦଳକୁ ୨ ଉଇକେଟ ରେ ପରାସ୍ତ କରି ସେମିକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଛତିଶଗଡ଼ ଦଳକୁ କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ୧୦୨ରନର ଲକ୍ଷ୍ୟକୁ ୮ଉଇକେଟ ବିନିମୟରେ ୧୭ ଓଭରରେ କରିନେଇଥିଲା ଝାରସୁଗୁଡା ଦଳ। ଦଳ ପକ୍ଷରୁ ଋତୁରାଜ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ବିଧାୟକ ଭାସ୍କର ମଢେଇଙ୍କଠାରୁ ଟ୍ରଫି ଓ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ୧୨୯ ରନର ଲକ୍ଷ୍ୟ ନେଇ ରାଇଜିଂ ଦଳ ମ୍ୟାଚକୁ ଜିଣି ନେଇଥିଲା। ଦଳ ପକ୍ଷରୁ ପ୍ରଦୀପ୍ତ କୁମାର ଦାସ ୪୩ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ଏସ. ପାଣି ପରିଚାଳନା କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ବ୍ଲକ ଦୁଧିଆଣି ପଞ୍ଚାୟତ ହାଟ ପଡ଼ିଆରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ ବ୍ଲକ ଓ ଦୁଧିଆଣୀ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ନେଇ ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ଛତିଶ ନାଏକ, ବିଡ଼ିଓ ସୁଶାନ୍ତ କୁମାର ସୁତାର, ସରପଞ୍ଚ ନିଳିମା ସୟ, ଧବଳେଶ୍ୱର ନାଏକ, ବ୍ଲକ ସହକାରୀ ଯନ୍ତ୍ରୀ ଇମିତିଆଜ ଅଲ୍ଲି, କେରକେରା ସମିତି ସଭ୍ୟ ଜୁଆଲ ମୁଣ୍ଡା, ବଳା ସରପଞ୍ଚ ସ୍ମିତା ନାଏକ, କୁଳିପୋଷି ସରପଞ୍ଚ ସୁକୁମତୀ ସର୍ଦ୍ଦାର, ସୌଦାମିନୀ ନାଏକ, ଗୁରୁଚନ୍ଦ୍ର ନାଏକ, ବୀରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ଉଦ୍ୟମରେ ପଞ୍ଚାୟତରେ ଘରକୁ ଘର ପାନୀୟ ଜଳ ଯୋଗାଣ, ମୋବାଇଲ ଟାୱାର ପ୍ରତିଷ୍ଠା, ପଞ୍ଚାୟତରୁ ଲକ୍ଷ୍ମୀ ବସ ହୋଇପାରିଛି। ପାଲା ମାଧ୍ୟମରେ ମନୋରଞ୍ଜନ ସହ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଚାର ହୋଇଥିଲା।




## ହାତୀ ମୃତ୍ୟୁ ରୋକିବାକୁ ପ୍ରୟାସ

# ୬ଟି ସ୍ଥାନରେ ନିର୍ମାଣ ହେବ ଗଳାପୋଲ

ଯୋଡ଼ା,୧୬।୨(ସମିସ)

ରାଜ୍ୟରେ ହାତୀ ମୃତ୍ୟୁ ଚରମସୀମାରେ ପହଞ୍ଚିଛି। ଏହା କେନ୍ଦୁଝର ଜିଲ୍ଲାରେ ସର୍ବାଧିକ। କେନ୍ଦୁଝର ଜିଲ୍ଲାରେ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ବନବିଭାଗ ପାଇଁ ଉଦ୍‌ବେଗର କାରଣ ପାଲଟିଛି। ତେବେ ହାତୀ ମୃତ୍ୟୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଏକ ନୀଳ ନକ୍ସା (ବ୍ଲୁ-ପ୍ରିଣ୍ଟ) ପ୍ରସ୍ତୁତ କରାଯାଇଛି। ଜିଲ୍ଲା ଦେଇ ଯାଇଥିବା ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିବା ରେଳ ଲାଇନରେ ହାତୀ ମୃତ୍ୟୁକୁ ରୋକିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆବଶ୍ୟକ ମୁତାବକ ନିର୍ମାଣ ହେବ ଓଭରପାସ୍ ଓ ଅଣ୍ଡରପାସ୍। ଏହି ଦୁଇ ରେଳପଥ ପରିସୀମା ମଧ୍ୟରେ ହାତୀ ଗତିବିଧିର ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯିବା ପରେ ଶୁକ୍ରବାର ମିଳିତ ଭାବରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଭାରତୀୟ ରେଳ ବିଭାଗ ଓ ରାଜ୍ୟ ବନ ବିଭାଗ ପକ୍ଷରୁ ଗ୍ରାଉଣ୍ଡ ଜିରୋରେ ସର୍ଭେ କରାଯାଇଛି। ଯୋଡ଼ାସ୍ଥିତ ବେହେରା ହାଟିଂ, ବନ୍ଧୁଆବେଡ଼ା, ନୟାଗଡ଼ ନିକଟ ଧନୁର୍ଜୟପୁର, ନୂଆଗାଁ,



ବସନ୍ତପୁର ଓ ଘଟଗାଁ ନିକଟ ନିଳକଣ୍ଠେଶ୍ୱର ଏହିପରି ଜିଲ୍ଲାର ୬ଟି ସ୍ଥାନକୁ ଏଥିପାଇଁ ଚିହ୍ନଟ କରାଯାଇଛି।

### ତିନୋଟି ବିଭାଗର ମିଳିତ ସର୍ବେକ୍ଷଣ

କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବୈଜ୍ଞାନିକ ଡା. ଧର୍ମେନ୍ଦ୍ର କୁମାର ଗୁପ୍ତା, ପ୍ରକଳ୍ପ ପରାମର୍ଶଦାତା ଆଦିତ୍ୟ ବିଷ୍ଟ, ଦକ୍ଷିଣ ପୂର୍ବ ରେଳପଥ ଅଧିକାରୀ ଡିଏସ୍ ରାଉତ, ବିଏସ୍ ଜାମୁଦା, ଟେକ୍ନିସିଆନ ଅଭିନୟ କୁମାର, କେନ୍ଦୁଝର ଜିଲ୍ଲା ବନ ଅଧିକାରୀ ଧନରାଜ ଏଚ୍‌ଡି, ଏସିଏଫ୍ ଅଶୋକ ଦାସ, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିୟାଙ୍କ ସହିତ ଯୋଡ଼ା ଫରେଷ୍ଟର ତ୍ରିନାଥ ଜେନା, ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ଏହି ସର୍ବେକ୍ଷଣରେ ସାମିଲ ହୋଇଥିଲେ। ଏହି ଦଳ ପ୍ରଥମେ ଯୋଡ଼ାସ୍ଥିତ ବେହେରା ହାଟିଂ, ଯେଉଁଠାରେ କିଛି ଦିନ ପୂର୍ବରୁ ୨ଟି ପର୍ଯ୍ୟାୟରେ ୫ଟି ହାତୀ ରେଳ ଧକ୍କାରେ ପ୍ରାଣ ହରାଇଥିଲେ ସେ ସ୍ଥାନ ପ୍ରଥମେ ବୁଲି ଦେଖିଥିଲେ। ଏହାପରେ ଜୁରୁଡ଼ିସ୍ଥିତ ବନ୍ଧୁଆବେଡା, ନୟାଗଡ ନିକଟ ଧନୁର୍ଜୟପୁର, ନୂଆଗାଁ, ବସନ୍ତପୁର ଦେଇ ଘଟଗାଁ ନିକଟ ନୀଳକଣ୍ଠେଶ୍ୱର ଅଭିମୁଖେ ଯାଇ ସ୍ଥିତି ପରିଖିଥିଲେ। ଯେଉଁ ସବୁ ସ୍ଥାନ ଦେଇ ହାତୀମାନେ ରେଳ ଧାରଣା ଅତିକ୍ରମ କରୁଛନ୍ତି ସେ ସବୁ ସ୍ଥାନ ମାନଙ୍କରେ ଓଭରପାସ୍ ଓ ଅଣ୍ଡରପାସ୍ ନିର୍ମାଣ କରାଯିବା ପାଇଁ ଏହି ସର୍ଭେ କରାଯାଇଛି। ଯାହା ଫଳରେ ସୁରକ୍ଷିତ ଭାବେ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ମାନେ ଏହି ରେଳ ଧାରଣାକୁ ଅତିକ୍ରମ କରିପାରିବେ। ଏହି ସର୍ବେକ୍ଷଣ ପରେ ଏ ନେଇ ରେଳ ବିଭାଗ ବୋର୍ଡକୁ ରିପୋର୍ଟ ପ୍ରଦାନ କରାଯିବ ଏବଂ ଏହି ପ୍ରକଳ୍ପକୁ ଖୁବ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା



**ଚମ୍ପୁଆ,୧୬।୨(ସମିସ):** ଚମ୍ପୁଆ ସହରର ସ୍ୱାଗତ ହୋଟେଲ ନିକଟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ନୂତନ ଶାଖା ଆଜି ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳଙ୍କ କରଅମଳରେ ଏହି ନୂତନ ଶାଖା ଉଦ୍‌ଘାଟିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଫୁରଲାଇ ବେସ୍ରା ଉପସ୍ଥିତ ଥିଲେ। ଜିଲ୍ଲାର ୬ଷ୍ଠ ତମ ଶାଖା ଭାବରେ ନୂତନ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ଥାନୀୟ ଲୋକମାନଙ୍କର ଆର୍ଥିକ ଦେଣନେଣ କାରବାରରେ ସହାୟକ ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଏହି ଶୁଭ ଉଦଘାଟନ ଅବସରରେ କ୍ଲଷ୍ଟର ମୁଖ୍ୟ ବିଭୁ ମହାପାତ୍ର, ଶାଖା ମୁଖ୍ୟ ଶୁଭାଶିଷ ନନ୍ଦ, ଡେପୁଟି ମ୍ୟାନେଜର ବିଶ୍ୱଜିତ ଦାଶ, ଷ୍ଟାଫ ଜ୍ୟୋତିପ୍ରଭା ସାହୁ ଏବଂ ଟେଲର ଅଙ୍କିତ କେଶରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନ ଓଡ଼ିଶା 'ସହରୀ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଚମ୍ପୁଆ, ୧୬।୨(ସମିସ):** ଚମ୍ପୁଆ ଧରଣୀଧର ନଗର ନଗର ଭବନ ଠାରେ ବିଭିନ୍ନ ୱାର୍ଡବାସୀଙ୍କୁ ନେଇ ପର୍ଯ୍ୟାୟକ୍ରମରେ ଆମ ଓଡ଼ିଶା ନବିନ ଓଡ଼ିଶା 'ସହରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଫୁରଲାଇ ବେସ୍ରାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜ୍ଞପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଉପାଧ୍ୟକ୍ଷା ସୁମିତ୍ରା ବେହେରା ଓ ୧୩ ଗୋଟି ୱାର୍ଡର କାଉନସିଲରମାନେ ଯୋଗ ଦେଇଥିଲେ। ସହରୀ କାର୍ଯ୍ୟକ୍ରମ ମାଧ୍ୟମରେ ୱାର୍ଡ ଗୁଡିକର ବିକାଶ ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ୱାର୍ଡବାସୀଙ୍କ ମୌଳିକତାକୁ ଗୁରୁତ୍ୱ ଦେବା ପ୍ରଥମ ଦାୟିତ୍ୱ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ସହରକୁ ସରସ ସୁନ୍ଦର ଗଢି ତଳିବା ପାଇଁ ୱାର୍ଡବାସୀ ତଥା ୱାର୍ଡ କାଉନସିଲର ମାନଙ୍କ ଉଦ୍ୟମକୁ ଶ୍ରୀ ସାହୁ ପ୍ରଶଂଶା କରିଥିଲେ। ଏହି ଉଦ୍ୟାପନୀ କାର୍ଯ୍ୟକ୍ରମକୁ ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ, ସିଏମଏମ ଅନନ୍ତ ଚରଣ ସାହୁ, ସିଓ ସ୍ୱର୍ଣ୍ଣପ୍ରଭା ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଅଭିଯାନ



**ରାମଚନ୍ଦ୍ରପୁର,୧୬।୨(ସମିସ):** ସାଇଁକୁଳ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ଆଜି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜିବ କୁମାର ରାଉତଙ୍କ ସଂଯୋଜନାରେ ଡାକ୍ତର ଦେବାଶିଷ ଭଞ୍ଜ, କବିନ୍ଦ୍ର ସାହୁ, ବଦ୍ରିନାରାୟଣ ରାଉତ, ମନୋଜକୁମାର ସାହୁ, ପ୍ରଶନ୍ନକୁମାର ଶତପଥି, ସୁରଜିତ ଜେନା, ଦୀପକରାଜ ଶତପଥି, କାନ୍ତୀ ପ୍ରକାଶ ଯେନା, ପ୍ରୀତିରଞ୍ଜନ ଚକ୍ର, ଚନ୍ଦନ ମୁଖି, ଜିତୁ ମୁଖି, ଆଶୁତୋଷ ସାହୁ, ବ୍ରଜମୋହନ ମାଝୀ ପ୍ରମୁଖ ଏକତ୍ରିତ ହୋଇ ସାଇଁକୁଳ ହାଟ ପରିସରରେ ଅଳିଆ ଆବର୍ଜନା ସଫା କରିବା ପରେ ଡ୍ରେନ ଏବଂ ନଳକୂପ ପରିସର ସଫାସୁତୁରା କରି ବ୍ଲିଚିଂ ସିଞ୍ଚନ କରିଥିଲେ। ଆଗାମୀ ଦିନରେ ଏଭଳି ଜନ ହିତକର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ସହ ସ୍ୱଚ୍ଛତାକୁ ନେଇ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଗୋଷ୍ଠୀ ଚିକିତ୍ସାଧିକାରୀ କହିଛନ୍ତି।

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ବଡ଼ବିଲ, ୧୬।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକାର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ପାରାଦୀପ ବଦଳି ପରେ ବଡ଼ବିଲର ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳାଇ ଦାୟିତ୍ୱରେ ରହିଥିଲେ। ତେବେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଶ୍ୱଜିତ ରାୟ ଯୋଗଦେଇଛନ୍ତି। ଆଜି ଶ୍ରୀ ରାୟଙ୍କୁ



ବଡ଼ବିଲ ପ୍ରେସ କ୍ଲବର କର୍ମକର୍ତ୍ତା ସଭାପତି ସୁବୋଧ ଦାସ, ସମ୍ପାଦକ ମଧୁସୂଦନ ସାହୁ, ଉପଦେଷ୍ଟା ବଳରାମ ମହାନ୍ତି, ସଦସ୍ୟ ଚିତ୍ତରଞ୍ଜନ କର, ଦେବକାନ୍ତ ଦାସ ଓ ପ୍ରତାପ କିଶୋର ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ତୁରୁମୁଙ୍ଗା/ପାଟଣା, ୧୬।୨ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ପରିଦର୍ଶନ କରିବା ସହ ବିଭିନ୍ନ ନଥି ଯାଞ୍ଚ କରିଛନ୍ତି। ରାଜ୍ୟ କାୟାକଳ୍ପ ଟିମ ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଡ.ଅର୍ଘ୍ୟ ପ୍ରଧାନ, ପବ୍ଲିକ ପ୍ରାଇଭେଟ ପାଟନର୍‌ସିପ କନସଲଟେଣ୍ଟ ସନ୍ତୋଷ କୁମାର ନାୟକ, ଦୀପକ କୁମାର ବିଶ୍ୱାଳ, ଡିଏମଏଫ୍ କ୍ୱାଲିଟି କନସଲଟ୍ୟାଣ୍ଟ ଡ.ହିମାଂଶୁ ଷଡଙ୍ଗୀ, କ୍ୱାଲିଟି ମ୍ୟାନେଜର ଅଭିଷେକ ଷଡ଼ଙ୍ଗୀ ଏହି ଟିମରେ ସାମିଲ ହୋଇଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଡ.ଶୁଭେନ୍ଦୁ ସାଗର କୁମାର ନାଏକ, ଡା.ରାଧାମୋହନ ସାହୁ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣି ସରୋଜିନୀ ସେଠୀ, ବିପିଏମ ଦୀପକ କୁମାର ନାଏକ ଉପସ୍ଥିତି ଥିଲେ।

## ଖେଳଶିକ୍ଷକ ଓ ୟୁନିୟନ ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ଆନନ୍ଦପୁର,୧୬।୨(ସମିସ):** ଦେଉଳକୋଣ ପଞ୍ଚାୟତର ନୟାବଗପାଟିଆ ଗ୍ରାମରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ସଭାରେ ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ପର୍ଯ୍ୟବେକ୍ଷକ ବିଦ୍ୟୁତ କୁମାର ନାୟକ, ବୀରଭଦ୍ର ମହାପାତ୍ର, ଭକ୍ତିପଦ ମିଶ୍ର, କ୍ଷିତୀଶ କୁମାର ରାଉତ, ସୁରେଶ ଚନ୍ଦ୍ର ମହାନ୍ତ ଯୋଗ ଅବସରଗ୍ରହଣ କରିଥିବା ଓସ୍ତପାଳ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶତ୍ରୁଘ୍ନ ଜେନା ଓ ବ୍ରାହ୍ମଣୀପାଳ ଫେରୋ ଆଲୋଏଜ ପ୍ଲାଣ୍ଟ ଶ୍ରମିକ ୟୁନିୟନ ସମ୍ପାଦକ ପଞ୍ଚାନନ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ଜେନା, ଚନ୍ଦନ କୁମାର ଜେନା, ନିରୋଦଜିତ ମହାପାତ୍ର, ପ୍ରମୋଦ କୁମାର ସିଂ ଓ ବବୁଲ ରାଉତ ପରିଚାଳନା କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର




**ବେଲବାହାଲି, ୧୬।୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହରିଡ଼ାପାଳର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମିନତି ମହାରଣାଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଚିତ୍ର କୁମାର କର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା କଳାକାରଙ୍କ ଦ୍ୱାରା ମଞ୍ଚରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜିତ ସାଧାରଣ ସଭାରେ ଜେଇ ପ୍ରଶାନ୍ତ କୁମାର ପଣ୍ଡା, ବିଏଫ୍‌ଟି ମିଳନ ମାଧୁରୀ ମହାରଣା ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁମୁଦିନୀ ଜେନା, ସମିତି ସଭ୍ୟା ବିଦୁତ୍ୟଲତା ସାହୁ, ଗ୍ରାମ ରୋଜଗାର ସେବକ ଚିନ୍ମୟ ନାୟକ, ଏସିପି ଅଶୋକ ଦାସ, ବିପିଏ ସଞ୍ଜୀବ ଦାସ, ଏମ୍‌ବିକେ ଜ୍ୟୋତ୍ସ୍ନାରାଣୀ ରାଉତ ଏବଂ ସମାଜସେବୀ ସୁମନ୍ତ ମହାରଣା, ହିମାଂଶୁ ସାହୁ, କାହ୍ନୁଚରଣ ସେଠୀ, କାଳନ୍ଦୀ ସା, ପପୁନୁ ସାହୁ, ଅନନ୍ତ ରାଉତ, ଜ୍ୟୋତିରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ଜେନା, ପ୍ରମୋଦ ଜେନା, ପ୍ରମୁଖ ପରିଚାଳନା କରିବା ସହିତ ସିଆର୍‌ପି ସଦସ୍ୟା ସ୍ୱାଗତିକା ସାହୁ, ଅନିତା ସା, ଲିଲି ସାହୁ, ସତ୍ୟଭାମା ମହାରଣା, ଆଶଲତା ଜେନା, ଏବଂ ବିଭିନ୍ନ ୱାର୍ଡରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

## ଆନନ୍ଦପୁର ୩ନଂ ୱାର୍ଡରେ ବିକାଶ ସଚେତନତା ଶିବିର

ଆନନ୍ଦପୁର,୧୬।୨(ସମିସ): ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସହରାଞ୍ଚଳ ବିକାଶ ଲାଗି ଆଜି ବସ୍ତିବାସିନ୍ଦାଙ୍କ ବିକାଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ୩ନଂ ୱାର୍ଡର ବାଉତି ସାହିଠାରେ ଆୟୋଜିତ ଶିବିରକୁ ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ସମ୍ମାନୀତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ, କାଉନସିଲର ରଶ୍ମିତା ବାରି, ଯୋଗଦେଇ ବସ୍ତିବାସିନ୍ଦାଙ୍କ ବିକାଶ ଲାଗି ରାଜ୍ୟ ସରକାର ଆରମ୍ଭ କରିଥିବା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହରାଞ୍ଚଳ ମିଶନ ଶକ୍ତି ଅଧିକାରୀ ସୀମାଞ୍ଚଳ ନାୟକ, ମୁକ୍ତା ଯୋଜନା ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ, ସ୍ୱଚ୍ଛସାଥୀ ସଂଗୀତା ଦଳେଇ, ଜୟନ୍ତୀ ସେନାପତି, କନକଲତା ସାହୁ, କିରଣ ମିଶ୍ର, ଶ୍ରଦ୍ଧାଞ୍ଜଳି ସାହୁ, ସରୋଜିନୀ ଜେନା, ସତ୍ୟଭାମା ସାହୁ, ପୁଷ୍ପଲତା ସିହ୍ନା, ସଂଯୁକ୍ତା ସେନ୍, ରଂଜିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଡିଜିଟାଲ ଡିସ୍‌ପେନସାରୀ ଉଦ୍‌ଘାଟିତ

**ସୋସୋ,୧୬।୨(ସମିସ):** ହାଟଡିହି ବ୍ଲକର ପଡିଆରାପଲ୍ଲିରେ ଡିଏମ୍‌ଏଫ୍ ପକ୍ଷରୁ ଡିଜିଟାଲ ଡିସପେନସାରି ଉଦ୍‌ଘାଟିତ ହୋଇଛି। ସରପଞ୍ଚ ଅଜିତ କୁମାର ରାଉତ, ପିଇଓ ରମେଶ ମାଝୀ, ଷ୍ଟାଫ୍ ନର୍ସ ଇପ୍‌ସିତା ମଲ୍ଲିକ୍ , ବୈଜୟନ୍ତି ମହାନ୍ତ, ସ୍ୱଭାଗ୍ୟ ରଞ୍ଜନ ଚାନ୍ଦ୍ ଉପସ୍ଥିତ ରହିଥିଲେ। ରୋଗୀମାନଙ୍କର ବିଭିନ୍ନ ପରୀକ୍ଷା କରାଯିବା ସହିତ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଉଛି। ସେ ଅଞ୍ଚଳରେ ବହୁ ଦୂରରେ ଡାକ୍ତରଖାନା ଥିବାରୁ ସେଠାରେ ଡିଏମ୍‌ଏଫ୍ ପକ୍ଷରୁ ଏଭଳି ଚିକିତ୍ସା ଆରମ୍ଭ କରାଯାଇଥିବାରୁ ଜିଲ୍ଲା ପ୍ରଶାସନଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।



## ମାଘ ସପ୍ତମୀ ଉପଲକ୍ଷେ ଯଜ୍ଞ ଉତ୍ସବ

**ସୋସୋ,୧୬।୨(ସମିସ):** ହାଟଡିହି ବ୍ଲକର ଢେଙ୍କା ପଞ୍ଚାୟତର କଣିଆରୀ (ମାଙ୍କଡ ମୁଣ୍ଡିଆ) ଗ୍ରାମର ଶ୍ରୀଶ୍ରୀ ମା' କଜଳେଇ ଶ୍ରୀମାନ୍ ଭାଗବତ ଟୁଙ୍ଗିର ମାଘ ସପ୍ତମୀ ଉପଲକ୍ଷେ ବାର୍ଷିକ ଯଜ୍ଞ ଉତ୍ସବ ଓ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ସମୟରେ ପଣ୍ଡିତ ଚନ୍ଦନ କର, ସୁବାସ ମଣ୍ଡଳ ରିତିନିତି ଅନୁଯାଇ ପୂଜାପାଠ କରିଥିବା ବେଳେ ଗୋପିନାଥ ମଣ୍ଡଳ, ରବିନ୍ଦ୍ର ମଣ୍ଡଳ, କୈଳାଶ ମଣ୍ଡଳ, ଅନିରୁଦ୍ଧ ଜେନା, ସନାତନ ଜେନା, ଉଦ୍ଧବ ଜେନା, ଛବିନ୍ଦ୍ର ଜେନା, ସହଦେବ ମଣ୍ଡଳ, ଅଜୟ ଜେନା, ବିଷ୍ଣୁ ଚରଣଜେନା, ଶଶିକାନ୍ତଜେନା ପ୍ରମୁଖଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି।

## ୭୯୫ଜଣ ଦେବେ ଯୁକ୍ତ ୨ ପରୀକ୍ଷା

**ସୋସୋ,୧୬।୨(ସମିସ):** ରାଜ୍ୟରେ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ପରୀକ୍ଷା ବିଜ୍ଞାନ ପରୀକ୍ଷା ଆଜି ଆରମ୍ଭ ହୋଇଥିବାବେଳେ ୧୭ ତାରିଖରେ କଳାର ପରୀକ୍ଷା ଆରମ୍ଭ ହେବ। ଏଥିରେ ହାଟଡିହି ବ୍ଲକର ୭୯୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର କଳାରେ ୩୦୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବିଜ୍ଞାନରେ ୪୨, ବାଣିଜ୍ୟରେ ୧୧, ଧନ୍ଦା ମୂଳକ ଶିକ୍ଷାରେ ୨୪ ଜଣ ପରୀକ୍ଷା ଦେବାକୁ ଥିବାବେଳେ ବଉଳା କଲେଜ ସୋସୋରେ ୧୬୫ଜଣ ଛାତ୍ରଛାତ୍ରୀ, ଛେନାପଦି ବିଶ୍ୱତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୮୫ଜଣ ଛାତ୍ରଛାତ୍ରୀ, ସଡ଼ଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ସୂଚନା ମିଳିଛି।

## ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ସୋସୋ,୧୬।୨(ସମିସ):** ହାଟଡ଼ିହି ବ୍ଲକରେ ମରିଗାଁ ମା' ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଗାଁ ପୋଖରୀରୁ କଳସ ଅଣାଯାଇ ରିତିନୀତି ଅନୁଯାଇ ସୂର୍ଯ୍ୟ ପୂଜା, ଘଟ ପୂଜା, ଅଗ୍ନି ସ୍ଥାପନ ଓ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ନିରଞ୍ଜନ ମିଶ୍ର, କାମଦେବ ତ୍ରିପାଠୀ ଓ କାଠିଆ ନନା ପୂଜାପାଠ କରିଥିଲେ। ବସନ୍ତ ସୁଆର ଓ ତାଙ୍କ ଧର୍ମ ପତ୍ନୀ ପ୍ରଭାତି ସୁଆର ସକଳ୍ପ କରିଥିଲେ। ଦୁଇ ଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶହ ଶହ ଭକ୍ତ ଏଠାରେ ଉପସ୍ଥିତ ରହି ଠାକୁରଙ୍କ ଆର୍ଶିବାଦ ନେବା ସହିତ ପ୍ରସାଦ ସେବନ କରିଥିଲେ। ତାରିଣୀ କମିଟିର ସଭାପତି ଚତୁର୍ଭୁଜ ଶଙ୍ଖୁଆ, ସୁଦାମ ଚରଣ ଜେନା, ନିର୍ମଳ ମଲ୍ଲୀକ, ସୁଦର୍ଶନ ଘଡ଼େଇ, ସୁଦର୍ଶନ ଭୋଳ, ନିର୍ମଳ ବାରିକ, ରତ୍ନାକର ଜେନା, ସତ୍ୟାନନ୍ଦ ମାଝୀ, ଅଭିମନ୍ୟୁ ସାହୁ, ମଦନ ଜେନା, ସନ୍ତୋଷ ସା, ଶ୍ରୀଧର ସେଠୀ, ସୁଶାନ୍ତ ଦାସଙ୍କ ସମେତ ସମସ୍ତ କମିଟି ସଦସ୍ୟ ସହଯୋଗରେ କରିଥିଲେ।

## କନକମଞ୍ଜରୀ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଆନନ୍ଦପୁର, ୧୬।୨ (ସମିସ):** ଆନନ୍ଦପୁରର ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ପରିଚାଳନା ସମିତିର ପ୍ରଥମ ବୈଠକ ପରିଚାଳନା ସମିତିର ସଭାପତି ଡ. ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ଏବଂ ଆନନ୍ଦପୁର କୋର୍ଟର ଆଇନିଜୀବୀ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ପରିଚାଳନା ସମିତିର ସମ୍ପାଦିକା ପ୍ରାଧାପିକା ସୌଭାଗ୍ୟମୟୀ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଯୁକ୍ତ୨ ଓ ଯୁକ୍ତ ୩ ପରୀକ୍ଷାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଅଧ୍ୟକ୍ଷାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସଭାରେ ପ୍ରାଧାପିକା ରତ୍ନମଞ୍ଜରୀ ମିଶ୍ର, ଅନ୍ୱଜା ମିଶ୍ର, ଶରତ ଚନ୍ଦ୍ର ଦେହୁରୀ, ନିଜାମୁଦ୍ଦିନ ଖାନ, ବିଷ୍ଣୁପ୍ରିୟା ବାଇ, ତ୍ରିନାଥ ସ୍ୱାଇଁ, ପ୍ରାଧାପିକା ମନୋରମା ମିଶ୍ର, ଅଧାପିକା ଅନୁରାଧା ମହାନ୍ତି ଓ ଦେବରଞ୍ଜନ ଦାଶ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କନକମଞ୍ଜରୀ ଅଧ୍ୟକ୍ଷ ନିଲମ୍ବନ ମାମଲା

# ୩ ମାସ ମଧ୍ୟରେ ସମସ୍ତ ପ୍ରାପ୍ୟ ଓ ପେନ୍‌ସନ୍ ଦେବାକୁ ନିର୍ଦ୍ଦେଶ

ଆନନ୍ଦପୁର,୧୬।୨(ସମିସ)

ଆନନ୍ଦପୁରର ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ନିଲମ୍ବନ ଆଦେଶ ବିରୋଧରେ ହୋଇଥିବା ମାମଲାର ରାୟ ପ୍ରକାଶ ପାଇଛି। ୩ ମାସ ମଧ୍ୟରେ ଶ୍ରୀ ମହାନ୍ତିଙ୍କୁ ସମସ୍ତ ବକେୟା ପ୍ରାପ୍ୟ ଓ ପେନ୍‌ସନ୍ ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତ ୨୦୨୩ ମସିହା ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ସେମିଷ୍ଟାର ପରୀକ୍ଷାର ଉତ୍ତର ଖାତା ଗତ ଜୁନ ମାସ ୧୬ ତାରିଖଠାରୁ ଘଟଗାଁଠାରେ ମୂଲ୍ୟାୟନ ହେଉଥିବା ବେଳେ ଜୁଲାଇ ମାସ ୨ ତାରିଖ ଇଂରାଜୀ ଉତ୍ତର ଖାତା



ଉଭାନ ହୋଇଯାଇଥିଲା। ଏହି ଘଟଣାର ଖୋଳତାଡ଼ କରାଯିବା ପରେ ଏହି ଖାତା ଅନ୍ୟ ଏକ ମହାବିଦ୍ୟାଳୟର ଜଣେ ନିକ। ଅଧାପିକାଙ୍କ ଠାରୁ ମିଳିଥିଲା। ତେବେ ଏହି ଘଟଣାରେ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ ମହାନ୍ତିଙ୍କୁ ଦୋଷାରପ କରାଯାଇଥିଲା। ଖବର ପାଇ ପରୀକ୍ଷା ନିୟନ୍ତ୍ରକ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଉତ୍ତର ଖାତା ହଜିବା ଘଟଣାରେ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ଗତ ୨୦୨୩ ଅକ୍ଟୋବର ୧୦ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଥିଲା। ଏନେଇ ଶ୍ରୀ ମହାନ୍ତି ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଉଚ୍ଚଶିକ୍ଷା ବିଭାଗ ଅବମାନନା କରିଥିବାରୁ ପୁଣି ଦ୍ୱିତୀୟ ଥର ପାଇଁ ମାମଲା ରୁଜୁ କରାଯାଇଥିଲା। ଏଥିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକୀୟ ପ୍ରମାଣପତ୍ର ଦେଇ ନପାରିବାରୁ ଶ୍ରୀ ମହାନ୍ତିଙ୍କୁ ଦୋଷମୁକ୍ତ କରାଯାଇଥିଲା। ଆଇନଜୀବୀ ସମୀର କୁମାର ଦାସ ଏହି ମାମଲା ପରିଚାଳନା କରିଥିବା ବେଳେ ଗତ ୬ ତାରିଖରେ ପ୍ରକାଶିତ ରାୟରେ ୩ ମାସ ମଧ୍ୟରେ ଶ୍ରୀ ମହାନ୍ତିଙ୍କୁ ସମସ୍ତ ପ୍ରାପ୍ୟ ଓ ପେନ୍‌ସନ୍ ଦେବାକୁ ନ୍ୟାୟାଳୟ ଶିକ୍ଷାବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ବିଷପିଇ ଯୁବକ ଗୁରୁତର

ବୈଶିଙ୍ଗା, ୧୬।୨(ସମିସ): ବୈଶିଙ୍ଗା ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ବାଇଧର ମାଝୀଙ୍କ ପୁଅ ସୂର୍ଯ୍ୟ ମାଝୀ ବିଷ ପିଇ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବାଇଧର ନିଜର ଘରୋଇ ସମସ୍ୟା କାରଣରୁ ବୀତସ୍ପୃହ ହୋଇ ବିଷ ଖାଇଦେଇଥିଲେ। ପରିବାର ତାଙ୍କୁ ତୁରନ୍ତ ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲେ; ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

## ସମାଜସେବୀଙ୍କ ଅକାଳ ବିୟୋଗ

ଖୁଣ୍ଟା/କୁଆମରା, ୧୬।୨(ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଡ଼ିଗିସାହି ଗ୍ରାମର ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ଦଣ୍ଡପାଟ (୭୩)ଙ୍କ ଗୁରୁବାର ବିୟୋଗ ଘଟିଛି। ସେ ସାଇଁକୁଳା କୁଶଳଦା ଲ୍ୟାମ୍ପର ପୂର୍ବତନ ଡାଇରେକ୍ଟର ଭାବେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଆସିଥିଲେ। ସେ କଂଗ୍ରେସର ଜଣେ ଟାଣୁଆ ସଂଗଠକ ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ସେ କିଛି ମାସ ଧରି ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ପ୍ରଚାର ହେବାପରେ ସାଇଁକୁଳା ପଞ୍ଚାୟତ ସରପଞ୍ଚ ରବି ସିଂହ, ସମାଜସେବୀ ଗୌରଚନ୍ଦ୍ର ଦାସ, ଗୋପବନ୍ଧୁ ନଗର ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଚରଣ ପୋଥାଳ, ମହେନ୍ଦ୍ର ନାଥ ପୃଷ୍ଟି ଓ ଭଗବାନ ନାୟକ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ଶେଷ ଦର୍ଶନ କରିଥିଲେ।

### ନୂଦଡିହା-ପିଙ୍ଗୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ

# ହରିବୋଲ ଓ ହୁଳହୁଳିରେ କମ୍ପିଲା ମନ୍ଦିର

ପିଙ୍ଗୁ, ୧୬।୨(ସମିସ): ଶୁକ୍ରବାର ସକାଳେ ନୁଦଡିହା-ପିଙ୍ଗୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ଦିନରେ ଯଜ୍ଞମଣ୍ଡପରେ ପୂଜକମାନେ ପାର୍ଶ୍ୱଦେବତାଙ୍କୁ ପୂଜାର୍ଚ୍ଚନା କରିବା ପରେ ସୂର୍ଯ୍ୟ ନାରାୟଣଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ମନ୍ଦିରରେ ପାର୍ଶ୍ୱ ଦେବତାଙ୍କୁ କାଲି ସନ୍ଧ୍ୟା ୭ଟାରେ ମନ୍ଦିର ପାଖ ସିଂହଦ୍ୱାରରେ ରଖି ନୂତନ ବସ୍ତ୍ର ଅର୍ପଣ କରିଥିଲେ। ଆଜି ସକାଳ ୧୦ଟାରେ



ପାର୍ଶ୍ୱ ଦେବତାଙ୍କୁ ପୂଜାର୍ଚ୍ଚନା କରି ଯଜ୍ଞମଣ୍ଡପ ପାଖରେ ଧାନ୍ୟ ନିର୍ମାଣ ପାଇଁ ରଖାଯାଇଥିଲା। ଅପରାହ୍ନ ୪ଟାରେ ୧୦୮ ସ୍ନାନ କରାଇ ତାଙ୍କୁ ଗୁପ୍ତ କଠୋରୀରେ ସ୍ଥାପନ କରାଗଲା। ଆସନ୍ତାକାଲି ଯଜ୍ଞମଣ୍ଡପକୁ ଆଣି ଜୀବନ୍ୟାସ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପୁରୀ ଶ୍ରୀକ୍ଷେତ୍ରରୁ ଆସିଥିବା ପଣ୍ଡିତମାନେ ପ୍ରକାଶ କରିଛନ୍ତି। ଆଜି ଦିନ ୧୨ଟାରୁ ମହାପ୍ରଭୁଙ୍କ ପାଖରେ ଆନନ୍ଦବଜାରର ଭିଡ ଦେଖିବାକୁ ମିଳିଥିଲା। ବହୁ ଶ୍ରଦ୍ଧାଳୁ ଭକ୍ତ ଆନନ୍ଦ ବଜାରରେ ମହାପ୍ରଭୁଙ୍କର ମହାପ୍ରସାଦ ସେବନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ। ସନ୍ଧ୍ୟା ସମୟରେ ପ୍ରବଚକ ବିପିନ ବିହାରୀ ଦାସଙ୍କ ପ୍ରବଚନ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ବେଳେ ହରିବୋଲ ଓ ହୁଳହୁଳିରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା। ଆଜି ପିଙ୍ଗୁ ରାଧାକୃଷ୍ଣ ମନ୍ଦିରରୁ ଜଗନ୍ନାଥଙ୍କ ପାଖକୁ ମିଠାଭାର ଓ ଦହିଭାର ଆଣି ଯଜ୍ଞମଣ୍ଡପ ପାଖରେ ସମର୍ପଣ କରିଥିଲେ। ଏହାକୁ ପୁରୋହିତମାନେ ଯଜ୍ଞନାରାୟଣଙ୍କୁ ଅର୍ପଣ କରି ପ୍ରସାଦ ଭକ୍ତମାନଙ୍କୁ ବାଣ୍ଟିଥିଲେ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



ମହୁଲଡିହା, ୧୬।୨ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନାରେ ପଦ୍ମଲୋଚନ ପାଣିଗ୍ରାହୀ ନୂତନ ଥାନାଧିକାରୀ ଭାବେ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ମୋରଡା ଥାନାରେ କାର୍ଯ୍ୟରତ ଥିଲେ। ସେଠାରୁ ବଦଳି ହୋଇ ଗତ ସୋମବାର ମହୁଲଡିହା ଥାନାରେ ପୂର୍ବତନ ଥାନାଧିକାରୀ ବିକର୍ତ୍ତନ ମଣ୍ଡଳଙ୍କ ସ୍ଥାନରେ ଯୋଗ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ମହୁଲଡିହା ଥାନା ହୋଇଥିବାରୁ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସେ ବିଶେଷ ଧ୍ୟାନ ଦେବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି।

## ବାଳିକାଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ



ବେତନଟୀ, ୧୬।୨(ସମିସ): ଓଡ଼ିଶା ସରକାରଙ୍କର ସମନ୍ୱିତ ଶିଶୁବିକାଶ ସେବା ବିଭାଗ ଆନୁକୂଲ୍ୟରେ ବେତନଟୀ ବ୍ଲକର କୀଶୋରୀ ବାଳିକାମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ୍ ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି। ପ୍ରତିବ୍ୟାଚରେ ୫୦ଜଣ ଲେଖାଏଁ କିଶୋରୀ ବାଳିକାଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଇଥିଲା। ଏକକାଳୀନ ୪ଗୋଟି ସ୍ଥାନରେ ୪ଟି ବ୍ୟାଚକୁ ନେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବେତନଟୀ ବ୍ଲକକାର୍ଯ୍ୟାଳୟ ପରିସରସ୍ଥ ମିଶନଶକ୍ତି ହଲ ଏବଂ ସଭାଗୃହରେ ଦୁଇଟିବ୍ୟାଚ ପ୍ରଶିକ୍ଷଣ ଉଥିବୋ ବେଳେ ଖୁଣ୍ଟାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଦୁଇଟିବ୍ୟାଚ ପୃଥକ ଭାବରେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷିକା ଭାବରେ କ୍ରୀଡା ଶିକ୍ଷୟିତ୍ରୀ ସ୍ୱାଗତକା ରାଉତ, ସଞ୍ଜୁକ୍ତା ପାତ୍ର, ଗୀତାଞ୍ଜଳି ମହାନ୍ତ, ପ୍ରଭାସିନି ମହାନ୍ତ, ଜୟନ୍ତୀ ମହାପାତ୍ର, ସନ୍ତୋଷୀ ବେହେରା, ଜୟସ୍ମିତା ପାଢ଼ୀ ଏବଂ ଝୁନୁଲତା ବାରିକ ପ୍ରମୁଖ ବେତନଟୀ ବ୍ଲକର ଦୁଇଶହ କିଶୋରୀ ବାଳିକାଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କିତ ତାଲିମ୍ ପ୍ରଦାନ କରୁଛନ୍ତି।

## ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗୁରୁବାର ସଚ୍ଚିଦ୍ରନାଥ ସାହୁଙ୍କ ଆବାହକତ୍ୱ ଏବଂ ସୁବ୍ରତ କୁମାର ନାୟକଙ୍କ ସଭାପତିତ୍ୱରେ ଶ୍ରୀ ଯୋଗ ଶିକ୍ଷାନୁଷ୍ଠାନ ଉଦଘାଟିତ ହୋଇଛି। ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ କରୁଣାକର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିଆନ କ୍ରୀଡ଼ାବିତ, ସମାଜସେବୀ ତଥା ସାମ୍ବାଦିକ ଗୌରୀଶଙ୍କର ସିହ୍ନା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉଦବୋଧନ ଦେଇଥିଲେ। ଯୋଗ ଶିକ୍ଷାଲାଭ କଲେ ଶରୀର ସୁସ୍ଥ ରହିବା ସହିତ ବ୍ୟକ୍ତି ନିରୋଗ ରହିବେ ଓ ମାନସିକ ସୁସ୍ଥତା ଲାଭ କରିବେ ବୋଲି ଶ୍ରୀ ନାୟକ କହିଥିଲେ।

## ବିମଳ ସାର୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁଳିଅଣା, ୧୬।୨(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ କୁଆବୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ବିମଳ କୁମାର ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନିଜର କାର୍ଯ୍ୟ ଦକ୍ଷତା ଓ ସଫଳ ନେତୃତ୍ୱ ପାଇଁ ବିମଳ ସାର ବ୍ଲକରେ ବେଶ ପରିଚିତ ଥିଲେ। ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମୋରଡା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକର ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସଙ୍ଘର ନେତୃବୃନ୍ଦ ଯୋଗ ଦେଇ ବିମଳ ସାରଙ୍କ କାର୍ଯ୍ୟାଧାରା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମାଶଙ୍କର ଶତପଥୀ, ଗାଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିରୋଚନ ଗରେଇ, ଶିକ୍ଷକ ନେତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ସୋମନାଥ ସିଂହ, ହରେକୃଷ୍ଣ ବାରିକ, ଗଦାଧର ନାୟକ, ଯାମିନୀକାନ୍ତ ପଣ୍ଡା, ଦିଲ୍ଲୀପ କୁମାର ପାତ୍ର, ରାକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର କଳିଆ, ସମୀର ସେଠୀ, ପ୍ରହ୍ଲାଦ ଗିରି, ଶିବନାରାୟଣ ମହାନ୍ତ ଓ ପ୍ରଦୀପ ବାରିକ ସଭା ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବିମଳ ସାରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଠାକୁରମୁଣ୍ଡାରେ ସଶକ୍ତ ଓଡ଼ିଶା ସାଥୀ ଶିବିର



ଠାକୁରମୁଣ୍ଡା, ୧୬।୨(ସମିସ): କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ସଶକ୍ତ ଓଡ଼ିଶା ସାଥୀ ଶିବିର ଠାକୁରମୁଣ୍ଡା ବ୍ଲକ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନାର ସଫଳତା ଆଲୋଚନା କରିବା ସହିତ ଜନଜାତି ସଂସ୍କୃତି, ପ୍ରଗତି, କଳା, କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତଥା ବୈଦ୍ୟ ଓ ଗାଁ ମୁଖିଆ ଆଦି ୨୫ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ତଥା କବୟିତ୍ରୀ ନୀଳିମା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପିଏ, ଆଇଟିଡିଏ ଦେବଯାନୀ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବରେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବିଡ଼ିଓ ମନୋଜ କୁମାର କାର୍ଜି ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।

# ଯଶିପୁରରେ ଶ୍ରମିକ ଓ ଚାଷୀଙ୍କ ଶୋଭାଯାତ୍ରା

ଯଶିପୁର, ୧୬।୨(ସମିସ): ଯଶିପୁରଠାରେ ଏଆଇଟିୟୁସି ଏବଂ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଶତାଧିକ ଶ୍ରମିକ, ଚାଷୀ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ପରେ ବଜାର ଛକରେ ଏକ ପଥପ୍ରାନ୍ତ ସଭା କରିଥିଲେ। ଏଥିରେ ମୁଖ୍ୟତଃ ସମସ୍ତ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପିକୁ ଆଇନ ସମ୍ମତ କରିବା, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ବନ୍ଦ କରିବା, ଶ୍ରମିକ ବିରୋଧୀ ନୂତନ ଶ୍ରମ କୋଡ୍ ବାତିଲ, ଆଶା-ଅଙ୍ଗନୱାଡି କର୍ମୀ-ପାଚିକା ସହାୟିକା ଆଦି ସ୍କିମ୍ ୱାକର୍ସମାନଙ୍କୁ ସରକାରୀ ମାନ୍ୟତା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ୍ ୨୦୨୦ ବାତିଲ, ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର ଦାବିରେ ସ୍ଲୋଗାନ୍ ଦେଇ ବଜାର ପରିକ୍ରମା କରିଥିଲେ। ପରେ ଶ୍ରମିକ ସଙ୍ଗଠନର ସଭାପତି ପ୍ରକାଶ ମଢେଇଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ଶ୍ରମିକ ସଙ୍ଗଠନର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶମ୍ଭୁ ନାଥ ନାଏକ, ଚାଷୀ ସଂଗଠନର ଜିଲ୍ଲା ସଭାପତି ଦୁଃଖବନ୍ଧୁ ମହାନ୍ତ, ଆଗାମୀ ନିର୍ବାଚନ ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବିଧାୟକ ପ୍ରାର୍ଥୀ ନୀଳାମ୍ବର ନାଏକ କେନ୍ଦ୍ରସରକାରଙ୍କ ଜନବିରୋଧୀ ନୀତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମନୋଜ ମହାନ୍ତ, ଦେବସନ ମୁର୍ମୁ, ପ୍ରମୋଦ ମହାନ୍ତ, ପ୍ରତାପ ମହାନ୍ତ, ସୁଶାନ୍ତ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଶ୍ରମିକ ଓ ଚାଷୀ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ସାତକୋଶିଆ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମହୁଲଡିହା/ଠାକୁରମୁଣ୍ଡା, ୧୬।୨(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକା ମୁଖ୍ୟଅତିଥି, ଏବିଇଓ




ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଆଶ୍ରମ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସନ୍ତୋଷ କୁମାର ମିଶ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସାତକୋଶିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ରଣା, ପୂର୍ବତନ ସରପଞ୍ଚ ଗଣେଶ୍ୱର ଦାସ, ପୂର୍ବତନ ସମିତି ସଭ୍ୟ ଭାସ୍କର ଚନ୍ଦ୍ର ଗାହାଣ, ସାତକୋଶିଆ ସିଆରସି.ସି ସୁଶାନ୍ତ କୁମାର ନାଏକ, ପରିଚାଳନା କମିଟିର ଚେୟାରମ୍ୟାନ ଅର୍ଜୁନ ଚରଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଚାମେଲି ପ୍ରଧାନ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରମୋଦିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା, ଶିକ୍ଷକ ଡମ୍ବରୁଧର ଇଚାଗୁଟୁ, କ୍ଷିରୋଦକୁମାର ନାଏକ, ଅନାମ ଚରଣ ସୋରେନ, ମାଛୁଆ ହୋ, ବିନୟ କୁମାର ଦାସ, କାମଦେବ ଘଡେଇ ଏବଂ ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସେବାସ୍ତମ୍ଭ' ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ

ରାଇରଙ୍ଗପୁର, ୧୬।୨(ସମିସ): ଅଖିଳ ଭାରତୀୟ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ 'ସେବାସ୍ତମ୍ଭ' ରାଇରଙ୍ଗପୁର ଶାଖା ସୌଜନ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ଦାମୋଦରନ ସଞ୍ଜିବୈୟାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଡି ସଞ୍ଜିବୈୟାଙ୍କ ଫଟୋଚିତ୍ରରେ ଦୀପ ଧୂପ-ଦୀପ ପ୍ରଜ୍ୱଳନ ପରେ ତାଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ଏକ ମିନିଟ ଏକ ନିରବ ପ୍ରାର୍ଥନା କରାଯାଇଇଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ତରରୁ ବିଜୟ ରାମ ଓ ମୋଚିରାମ ମାଝୀ ଯୋଗଦେଇ ଡି ସଞ୍ଜିବୈୟାଙ୍କ ଜୀବନ ଇତିହାସ ଆଲୋକପାତ କରିଥିଲେ। ପ୍ରତାପ ଚନ୍ଦ୍ର ହେମ୍ବ୍ରମ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଡଃ ରମେଶ ଚନ୍ଦ୍ର ମାରାଣ୍ଡି, ରବୀନ୍ଦ୍ର ମୁଖି, ବାଜଲ ମୁର୍ମୁ, ଜଗତ ଚନ୍ଦ୍ର ମାଝି, ଡାକ୍ତର ସାଗରାମ ଟୁଡୁ, ବିଭୂତିଭୂଷଣ ପାତ୍ର, ମୋଅଭର ହୁସେନ, ଦୀନବନ୍ଧୁ ଗିରି, ରାଜେଶ କୁମାର ରାମ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆମେରିକାନ ଇଣ୍ଡିଆ ଫାଉଣ୍ଡେସନର ସମ୍ମିଳନୀ

ଖୁଣ୍ଟା/କୁଆମରା, ୧୬।୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ଶୁକ୍ରବାର ଗୋପବନ୍ଧୁନଗର ବିଡିଓଙ୍କ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡ଼ିଓ କରୁଣାକର ଧିନ୍ଦା ଅଧକ୍ଷତା କରିଥିଲେ। ସଂଗଠରନ ବରିଷ୍ଟ ପ୍ରବନ୍ଧକ ରାଜକମଲ ଶର୍ମା ଗୋପବନ୍ଧୁ ନଗର ବ୍ଲକର ୧୬୪ ଟି ଅଙ୍ଗନବାଡି କେନ୍ଦ୍ରରେ ୬ ବର୍ଷରୁ ତଳ ଶିଶୁମାନଙ୍କୁ ନେଇ ଗରମ ରନ୍ଧା ଖାଦ୍ୟ ଯୋଗାଣ ଏବଂ ୬୦ଟି ବିଦ୍ୟାଳୟରେ ବାଲ୍ୟକାଳର ଶିକ୍ଷା କିଶୋର କିଶୋରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥାବସ୍ଥା ଉପରେ ଚାଲି ଆସୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଆଲୋଚନାରେ ଗୋପବନ୍ଧୁନଗର ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଜାତା ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀ, ବ୍ଲକ ପ୍ରୋଗ୍ରାମ ପ୍ରବନ୍ଧକ, ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଅନୁଭବ ପଟ୍ଟନାୟକ, ବ୍ଲକ ଅଧକ୍ଷ, ବ୍ଲକ ଉପାଧକ୍ଷ, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ବିକାଶ ପ୍ରକଳ୍ପ ପରି ବିଭିନ ବିଭାଗର ଅଧିକାରୀ ତଥା ୧୩ଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ବ୍ଲକ ବିକାଶ ଅଧିକାରୀ ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଗୋପବନ୍ଧୁନଗର ବ୍ଲକର ଉନ୍ନତି ଆଣିବା ପାଇଁ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନକୁ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସୁବ୍ରତ କ୍ଷେତ୍ରୀୟ ସଭା ପରିଚାଳନା କରିଥିଲେ। ବ୍ଲକ ସଂଯୋଜକ ଦୀପକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



## ଜିଲ୍ଲା କୃଷକ ମହାସଂଘର ବନ୍ଦ ପାଳିତ



ଖୁଣ୍ଟା, ୧୬।୨(ସମିସ): ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ କେନ୍ଦ୍ରକରି ମୟୂରଭଞ୍ଜ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଖୁଣ୍ଟା ବନ୍ଦ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି କମଳାକାନ୍ତ ମହାକୁଡଙ୍କ ନେତୃତ୍ୱରେ ସଂଘର କୋଷାଧ୍ୟକ୍ଷ ଜୟଦୀପ ସାହୁ, ଗୌରାଙ୍ଗ ପୁଥାଳ, ମନୋରଞ୍ଜନ ପରିଡ଼ା, ବାୟା ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସଂଘର ଅନ୍ୟ ସଦସ୍ୟମାନେ ଏକତ୍ରିତ ହୋଇ ପିକେଟିଂ କରି ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ, ତହସିଲ, ବ୍ୟାଙ୍କ ସମେତ ବିଭିନ୍ନ ସରକାରାରୀ ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ ନେତୃବୃନ୍ଦ। କୃଷକଙ୍କ ବିକାଶ କହୁଥିବା କେନ୍ଦ୍ର ସରକାର କୃଷକମାନଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏମଏସପି ବୃଦ୍ଧି ନ କରିବା ଓ ବେକାରୀ ସମସ୍ୟା ବୃଦ୍ଧି ଆଦିକୁ ନେଇ ସମାଲୋଚନ କରିଥିଲେ। ଏହି ବନ୍ଦ ଡାକରା ଯୋଗୁଁ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଥିବାବେଳେ ଖୁଣ୍ଟା ବଜାର ସମ୍ପୂର୍ଣ୍ଣଭାବେ ଖୋଲା ରହିଥିଲା।

## ବିଶ୍ୱବିଦ୍ୟାଳୟରେ କୃତଜ୍ଞତା ସମାରୋହ




ବାରିପଦା, ୧୬।୨(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମ୍ମିଳିତ ବିଇଡି, ଏମଇଡି ଓ ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ କୃତଜ୍ଞତା ସମାରୋହ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ସଂଯୋଜିକା ପ୍ରଫେସର ମିନତୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧକ୍ଷ ଡ. ଚକ୍ରଧର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସମୀର କୁମାର ଲେଙ୍କା ଓ ସହଯୋଗୀ ଅଧ୍ୟାପକ ଡ଼ଃ ରମେଶ କୁମାର ପରୁଆ ମେଘାଳୟ ସ୍ଥିତ ଶିଲଂ ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭରସିଟିରେ ଯୋଗଦେବା ପରେ ବିଭାଗୀୟ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି କୃତଜ୍ଞତା ସମାରୋହର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦାୟୀ ଅଧ୍ୟାପକ ଦ୍ୱୟଙ୍କ ବିଭାଗ ତଥା ସେମାନଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ଅତୁଳନୀୟ ଅବଦାନ ଯୋଗୁଁ ପ୍ରଫେସର ମଲ୍ଲିକ ସେମାନଙ୍କୁ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପୂର୍ବତନ ଛାତ୍ରଛାତ୍ରୀ ଓ ବିଭାଗର ଅଧ୍ୟୟନରତ ଛାତ୍ରଛାତ୍ରୀ ସେମାନଙ୍କ ଗୁରୁଙ୍କ ସହ ଥିବା ସ୍ମୃତି, ଅନୁଭୂତିକୁ ବାଣ୍ଟିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଶେଷରେ ଡ. ଲେଙ୍କା ଓ ଡ଼ଃ ପରୁଆ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖି ସେମାନଙ୍କ ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ହେବା ପାଇଁ ଆଶୀର୍ବଚନ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ ବାର୍ଷିକ ଉତ୍ସବ

ମାଣତ୍ରୀ/ବୈଶିଙ୍ଗା, ୧୬।୨ (ସମିସ): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ ବାର୍ଷିକ ଉତ୍ସବ ବୋଲି ଶୁକ୍ରବାର ବଡ଼ସାହି ବ୍ଲକ ଉଉରପାଳ ଆଶ୍ରମ ସ୍କୁଲର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ଶିକ୍ଷା ନୀରିକ୍ଷକ ମାନସ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ସ୍ୱତନ୍ତ୍ର ଅତିଥି ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ତୋଟାପଡ଼ା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ବାଗୁଲି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ମିଶ୍ର, ସ୍କୁଲ ପରିଚାଳନା କମିଟିର ଅଧକ୍ଷା ମମତା ସିଂ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଶିକ୍ଷକ ସତ୍ୟନାରାୟଣ ପଣ୍ଡା ବେଦପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତା ଦାସ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକଗିରିଶ୍ଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ପୁରାତନ ବିଦ୍ୟାଳୟର ସ୍ଥିତି, ସଫଳତା ଓ ସମସ୍ୟା ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ସମରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



## ଗାଁ ଭିତରକୁ ପଶିଲା ଭାଲୁ



**ତୁରୁମୁଙ୍ଗା, ୧୬।୨ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ବଳାଣିପଶି ଗ୍ରାମର ମୁଣ୍ଡା ସାହି ଭିତରକୁ ଶୁକ୍ରବାର ଅପରାହ୍ନରେ ଏକ ଭାଲୁ ପଶି ଆସିଥିଲା। ଭାଲୁକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭାଲୁଟି ଗ୍ରାମର ରମେଶ ମୁଣ୍ଡା ଘର ନିକଟକୁ ଚାଲି ଆସିଥିବା ବେଳେ ଭାଲୁକୁ ଘର ନିକଟରେ ଦେଖି ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ଗାଁର ଯୁବକ ମାନେ ମିଳି ମିଶି ଭାଲୁକୁ ଟେକା ପଥର ମାରି ଘଉଡାଇବାରୁ ଭାଲୁଟି ପଦ୍ମପୁର ସଂରକ୍ଷିତ ଜଙ୍ଗଲକୁ ପଳାଇ ଯାଇଥିଲା। ଗାଁ ନିକଟ ଜଙ୍ଗଲରେ ଭାଲୁ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ଭାଲୁ ଉପରେ ନଜର ରଖିଥିବା ଖିରେଇଟାଙ୍ଗିରୀ ବନପାଳ ଶିବନାରାୟଣ ଦେବ ସୂଚନା ଦେଇଛନ୍ତି।

## ପାଚିକା ସଂଘର ଶୋଭାଯାତ୍ରା

**ତୁରୁମୁଙ୍ଗା, ୧୬।୨ (ସମିସ):**ପାଟଣା ବ୍ଲକ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ପାଚିକାମାନେ ଶୁକ୍ରବାର ସଙ୍ଘ ସଭାପତି କୋକିଳ ମହାନ୍ତଙ୍କ ନେତୃତ୍ୱରେ ପାଟଣା ବସ ଷ୍ଟାଣ୍ଡ ରୁ ଏକ ବିରାଟ ରାଲି ରେ ଶୋଭା ଯାତ୍ରାରେ ବାହାରି ବିଭିନ୍ନ ଦାବିର ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ଏକ ପ୍ରତିନିଧି ମଣ୍ଡଳୀ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଯାଇ ବିଇଓ ପୁର୍ଣ୍ଣଚନ୍ଦ୍ର ଓମାନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାସକୁ ୨୬ହଜାର ଦରମା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବର୍ଷ କୁ ୨ ଶାଢ଼ୀ ଆଦି ଅନ୍ତର୍ଭୁକ୍ତ କରିବା ଆଦି ଦାବି ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବ୍ଲକ ପାଚିକା ସଙ୍ଘ ସଭାପତି କୋକିଳା ମହାନ୍ତ, ସମ୍ପାଦିକା ନିରୁପମା ମହାନ୍ତ, ପ୍ରମିଳା ଖଣ୍ଡା ଓ ସାବିତ୍ରୀ ନାଏକ ସାମିଲ ହୋଇଥିଲେ।

## ପ୍ରେସ୍ ଫୋରମର ପଞ୍ଚାୟତସ୍ତରୀୟ ବୈଠକ



**ହାଟଡ଼ିହୀ,୧୬।୨(ସମିସ):** ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ସାମ୍ବାଦିକ ସଙ୍ଘ ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ମା'ଗଡ଼ଚଣ୍ଡୀ ପୀଠସ୍ଥିତ ବନବିଭାଗ ଡାକବଙ୍ଗଳା ଠାରେ ପଞ୍ଚାୟତସ୍ତରୀୟ ସାମ୍ବାଦିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ ଫୋରମର ଯୁଗ୍ମ ସମ୍ପାଦକ ସଂଜୀବ ମହାନ୍ତିଙ୍କ ସଂଯୋଜନାରେ ପ୍ରେସ୍ ଫୋରମର ସଭାପତି ଉମେଶ ଚନ୍ଦ୍ର ପାଢ଼ୀ ଓ ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ହୋଇଥିଲା। ସଭାପତି ଉମେଶ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଏହି ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଅବ୍ୟବହୃତ ପୂର୍ବରୁ ଫୋରମର ପଞ୍ଚାୟତସ୍ତରୀୟ ସାମ୍ବାଦିକମାନଙ୍କର ଭୂମିକା ୧୮ ବର୍ଷର ଯୁବ ଭୋଟର ମାନଙ୍କୁ ସଚେତନତା ଏବଂ ନିରପେକ୍ଷ ଖବର ପ୍ରସାରଣ କରିବା ସହିତ ନିଜ ନିଜ ପଞ୍ଚାୟତର ସମସ୍ୟାକୁ ପ୍ରେସ ଫୋରମ ମାଧ୍ୟମରେ ପ୍ରଶାସନକୁ ଅବଗତ କରାଇବା ସହିତ ସ୍ୱାସ୍ଥ୍ୟ ଶିବିର କରି ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହି ବୈଠକଟିକୁ ଫୋରମ ସାମ୍ବାଦିକ ନିରାକାର ପରିଡା ପରିଚାଳନା କରିଥିଲେ। ଏହି ବୈଠକରେ ପଞ୍ଚାୟତ ସ୍ତରୀୟ ସାମ୍ବାଦିକ ସତ୍ୟଭାମା ଖୁଣ୍ଟିଆ, ଗୌରୀ ଖୁଣ୍ଟିଆ, ପ୍ରଣବ ପ୍ରକାଶ ମହାନ୍ତି, ପ୍ରଭାତ ପୃଷ୍ଟି, ରକ୍ଷାକର ଜେନା, ଜୟନ୍ତ ହୋ, କୋମଳ ଲୋଚନ ନାୟକ, ଓ ଜଗନ୍ନାଥ ପୃଷ୍ଟି ଯୋଗଦେଇ ଥିବାବେଳେ ସାମ୍ବାଦିକ ଅନନ୍ତ ଚରଣ ପହି ଉପସ୍ଥିତ ଥିଲେ।

## ପରିବା ବଜାରରେ ବିଧାୟକ

ତୁରୁମୁଙ୍ଗା,୧୬।୨(ସମିସ): ଶୁକ୍ରବାର ପାଟଣା ବିଧାୟକ ଜ୍ୟୋତିପୁର ପଞ୍ଚାୟତର ସଚେତନତା କାର୍ଯ୍ୟକ୍ରମ ଯୋଗଦେଇ ସ୍ଥାନୀୟ ହାଟରେ ବୁଲିଥିଲେ। ହାଟକୁ ଆସିଥିବା ଚାଷୀଙ୍କ ସହ ଆଲୋଚନା କରିବା ସହ ଚାଷୀଙ୍କ ଠାରୁ ପନିପରିବା କିଣିଥିଲେ। ଏଥି ସହ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଧାୟକ ନିଜେ ହାଟରେ ବୁଲି ପନିପରିବା କିଣୁଥିବାରୁ ଲୋକଙ୍କ ଗହଳି ଜମିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଚାଷୀ ପାଖରେ ବିଧାୟକଙ୍କୁ ଦେଖି ଉତ୍ସାହିତ ହେବା ସହ ଖୁସି ଅନୁଭବ କରିଥିଲେ।



# ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ






**କେନ୍ଦୁଝର,୧୬।୨(ସମିସ)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ମିଳିତ ଡାକରାରେ ଶୁକ୍ରବାର "ସାଧାରଣ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ' ପରିପ୍ରେକ୍ଷୀରେ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ଏଆଇଟିୟୁସି ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୋଧରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ୧୨ଦଫା ଦାବି କରାଯାଇଥିଲା।

ପ୍ରାରମ୍ଭରେ କେନ୍ଦୁଝର କାଳିପଡିଆଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଶ୍ରମିକ ନେତା କାହ୍ନୁଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲା ସାଧାରଣ ସଂପାଦକ ମହେଶ୍ୱର ରାଉତ ଏହି ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ କପିଳ ମହାନ୍ତି, ଶ୍ରମିକ ନେତା ରାଜାରାମ ମୁଣ୍ଡା, ବାଗରା ଚାତାର, ଶ୍ରୀହରି ଘଣା, ହୃଦାନନ୍ଦ ପାତ୍ର, ମହମ୍ମଦ ବଦ୍ରୁ ଜାମା, ବିରଞ୍ଚି ନାରାୟଣ ଦେହୁରୀ, ଜିସି ସାସମଲ, ଖଗେଶ୍ୱର ପାତ୍ର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ସଭା ଓ ଶୋଭାଯାତ୍ରା ପରିଚାଳନା ହୃଦାନନ୍ଦ ପ୍ରଧାନ, ଶୁଭ୍ରଜିତ ସାହୁ, ମାର୍କଣ୍ଡ ଦେହୁରୀ, ରଞ୍ଜିତ କୁମାର ଗିରି, ଲିପୁ ପାତ୍ର, କ୍ଷିରୋଦ ମହାନ୍ତ, ବିଜୟ କୁମାର ବିଶ୍ୱାଳ, ରେଘା ମାଝୀ, ଭୀମସେନ ଲୋହାର, ସୀତାକାନ୍ତ ପଣ୍ଡା କରିଥବଲେ। ମହେଶ୍ୱର ରାଉତ, କପିଳ ମହାନ୍ତି, କାହ୍ନୁଚରଣ ସାମଲଙ୍କୁ ନେଇ ଏକ ତିନିଜଣିଆ ପ୍ରତିନିଧି ମଣ୍ଡଳି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

**ବଡ଼ବିଲ:** ବଡ଼ବିଲ ତଥା ଏହାର ଆଖପାଖ ଅଞ୍ଚଳରେ ଭାରତ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ୨୧ ଦଫା ଦାବିକୁ ନେଇ ରାଷ୍ଟ୍ରୀୟ ଟ୍ରେଡ୍ ୟୁନିଅନ, ସଂଯୁକ୍ତ କିଷାନ ମୋର୍ଚ୍ଚା, ସ୍ୱାଧୀନ ଫେଡରେସନ ଓ ଆସୋସୋସିଏସନ ମିଳିତ ଭାବେ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ଡାକରା ଦେଇ ଆଜି ବଡ଼ବିଲ ଘଣ୍ଟାଘର ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡରେ କିଛି ସମୟ ପାଇଁ ଗାଡିମଟର ବନ୍ଦ କରିଥିଲେ। ଦିନ ୯.୩୦ ପରେ ବଡ଼ବିଲ, ବଲାଣି, ଭଦ୍ରାସାହି, ଗୁଆଳି, ରୁଗୁଡି ଓ ରୋଇଡା ଅଞ୍ଚଳରେ ସବୁ ସ୍ୱାଭାବିକ ଭାବେ ଚାଲୁ ରହିଥିବା ଦେଖିବାକୁ ମିଳିଥିଲା।

**ଚମ୍ପୁଆ:** କେନ୍ଦ୍ର ସରକାରଙ୍କର କୃଷକ ଓ ଶ୍ରମିକ ମାରଣା ନିତି ବିରୋଧରେ ଏଆଇଟିୟୁସି, କୃଷକ ମୋର୍ଚ୍ଚା ଓ ମିଳିତ ମଞ୍ଚ ପକ୍ଷରୁ ଚମ୍ପୁଆରେ ଗଣ ବିକ୍ଷୋଭ କରାଯାଇଛି। ଏଆଇଟିୟୁସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତ, ସମ୍ପାଦକ ଅର୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ ୧୧ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀଙ୍କୁ ପ୍ରଦାନ କରାଯାଇଛି। ଚମ୍ପୁଆ ନେହରୁ ଷ୍ଟାଡିୟମରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦେଶରୁ ଦାରିଦ୍ର ଦୂରୀକରଣ ପାଇଁ ୧୧ ଦଫା ଦାବିକୁ ଅବିଳମ୍ବେ ପୂରଣ କରିବା ପାଇଁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧରଣୀଧର ମହାନ୍ତ, ଗିରିଶ ଚନ୍ଦ୍ର ନାଏକ, ଭରଦ୍ୱାଜ ମହାନ୍ତ, ଅଙ୍କିତ ମହାନ୍ତ, ଜନନୀ ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଯୋଡା:** ଶୁକ୍ରବାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ସଂଯୁକ୍ତ ମୋର୍ଚ୍ଚା, ସ୍ୱାଧୀନ କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଦ୍ୱାରା ଦେଶ ବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ଅଖିଳ ଭାରତ ଟ୍ରେଡ୍ ୟୁନିଅନ କଂଗ୍ରେସରେ ସଦସ୍ୟତା ଗ୍ରହଣ କରିଥିବା ଯୋଡା ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ୮ ଦଫା ଦାବି ନେଇ ଯୋଡା ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ଏମ୍‌କେ ଗୀତା ଦେବୀଙ୍କ ନେତୃତ୍ୱରେ ୫୫ରୁ ଅଧିକ ଅଙ୍ଗନବାଡି କର୍ମୀ ଓ ସହାୟିକା ଧାରଣାରେ ବସି ରହିଥିବା ବେଳେ ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସିଡିପିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ତେବେ ଏହି ସମୟରେ ସିଡିପିଓ ସୁକାନ୍ତୀ ମାଝୀ ଆନ୍ଦୋଳନକାରୀମାନଙ୍କୁ ଭିତିରି ସମର୍ଥନ ରହିବ ବୋଲି ବୁଝାଉଥିବାର ଏକ ଭିଡିଓ ଭାଇରାଲ ହେବା ପରେ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।










କେନ୍ଦୁଝର ବନଖଣ୍ଡ ଓ ରାଜ୍ୟ ଔଷଧି ଉଦ୍ଭିଦ ପରିଷଦ ଦ୍ୱାରା କେନ୍ଦୁଝର କାଳିପଡ଼ିଆରେ ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଜମୁଛି ଭିଡ଼

## ମିଶନ ଶକ୍ତି ମହିଳାଙ୍କୁ ଦୁର୍ବ୍ୟବହାର କରି ଜେଲଗଲା ଯୁବକ

**ରାମଚନ୍ଦ୍ରପୁର,୧୬ ।୨(ସମିସ):** ମିଶନଶକ୍ତି ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବା ଅଭିଯୋଗରେ ଜେଲ ଗଲା ଯୁବକ। ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ନରଦା ଗ୍ରାମର ପପୁ ପେରେଇ (୨୯) ନାମକ ଜଣେ ଯୁବକ ସେହି ଗ୍ରାମର ମିଶନଶକ୍ତି ମହିଳା ମାନଙ୍କ ଠାରୁ ଟଙ୍କା ନେଇ ଆଉ ଫେରାଇ ନଥିଲା, ମହିଳା ମାନେ ବାରମ୍ବାର ତାଗିଦ କରିବାରୁ ଏଥିରେ ଉକ୍ଷିପ୍ତ ହୋଇ ପପୁ ଉକ୍ତ ମହିଳା ମାନଙ୍କୁ ଦୁର୍ବ୍ୟଯବହାର କରିବା ସହ ମାଡ ମାରିଥିଲା। ପରେ ମହିଳା ମାନେ ଏକତ୍ରୀତ ହୋଇ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୁଲିସ ଉକ୍ତ ଘଟଣାରେ ୧୦୬/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପପୁ ପେରେଇକୁ ଆଜି ଗିରଫ କରିବା ସହ କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଆଜାଦବସ୍ତି ଯୁଥ୍ କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଯୋଡ଼ା,୧୬।୨(ସମିସ):** ଯୋଡା ପୌରପାଳିକା ଅନ୍ତର୍ଗତ ୫ନଂ ୱାର୍ଡ ଆଜାବସ୍ତି ଖେଳ ପଡିଆ ଠାରେ ଆଜାଦବସ୍ତି ଯୁଥ କ୍ଲବର ୫ମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧.୩୦ରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଡା ପୌର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନୟ ଅତିଥି ଭାବେ ଟିଏସ୍ଏଫ ଅଧିକାରୀ ରିବନ୍ଦ୍ର କୁମାର, ବରିଷ୍ଠ ସାମ୍ବାଦିକ ଦୀପକ ଶତପଥି ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟଟି ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ପୌରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ୩୨ଟି ଦଳ ଭାଗ ନେଇଥିବା ଜଣାପଡିଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ହନୁମାନ ହାଟିଂର ଖୁସି-୧୧ ଓ ଆଜାଦବସ୍ତିର ଆଶିଷ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି ସଟ୍‌ରେ ଆଶିଷ-୧୧ ଦଳ ୩-୨ ଗୋଲ ବ୍ୟବଧାନରେ ବିଜୟ ଘୋଷିତ ହୋଇଥିଲା। ଫାଇନାଲ ମ୍ୟାଚରେ ଯେଉଁ ଦଳ ବିଜୟ ହେବ ସେମାନଙ୍କୁ ୧ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଥିବା ବେଳେ ଉପବିଜେତାଙ୍କ ପାଇଁ ୭୦ ହଜାର, ଦ୍ୱିତୀୟ ଓ ତୃତୀୟ ଉପବିଜେତାଙ୍କୁ ଯଥାକ୍ରମେ ୫୦ ହଜାର ଓ ୩୦ ହଜାର ନଗଦ ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।



# ବିଭିନ୍ନ ସ୍ଥାନରେ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ





**ଆନନ୍ଦପୁର,୧୬।୨(ସମିସ)**

ସ୍ଥାନୀୟ ଗୋହିରା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପଡିଆରେ ଆଜି 'ନୂଆ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ମିଶନ ଶକ୍ତି ସଂଯୋଜକ ସରୋଜ କୁମାର ମହାରଣା ସଂଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବିଡିଓ ମାନସ ରଞ୍ଜନ ସାମଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତର ସୁନାଟାଙ୍ଗିରି, ମହିଷାବାହାଳି ଓ ଗୋହିରା ପତରସଉରଣୀ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନିମନ୍ତ୍ରିତ ଅତିଥି ଭାବେ ସରପଞ୍ଚ ମନ୍ଦାକିନି ପାତ୍ର, କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପାଇଲଟ ସଦସ୍ୟ ପରେଶ କୁମାର କୁଅଁର, ପୂର୍ବତନ ସରପଞ୍ଚ ପ୍ରଶନ ପାତ୍ର, ସୁଶାନ୍ତ ବିଶ୍ୱାଳ, ସମିତିସଭ୍ୟ ବିଜୟ ଜେନା, ବ୍ଲକ ଯୁବ ବିଜେଡି ସଭାପତି ଇଂ. ଦେବଦତ୍ତ ନାୟକ, କ୍ରୀଡ଼ା ସଂଗଠକ ବୁଲୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଅସହାୟଙ୍କୁ ସରକାରୀ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ପତରସଉରଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତି କର୍ମୀ ରେବତୀ ପାତ୍ର, ସମିତିସଭ୍ୟା ରିନାରାଣୀ ନାଏକ, ଜଗନ୍ନାଥ ସାହୁ, ହାବୁଲୁ ରାଉତ, ବାବନ ଧୀର, ପ୍ରଦୀପ ବେହେରା, ଦୀପକ ସାହୁ, ବାପୁନୁ ସାହୁ, ଅନିଲ ନାୟକ, ବିଭୂତି ଭୂଷଣ ଦାସ, ନାରାୟଣ ସାହୁ, ରାଜୁ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

**ରାମଚନ୍ଦ୍ରପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ଶାଳଦେଇ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନୀତ ଅତିଥି ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସ୍ଥାନିୟ ସରପଞ୍ଚ ରୀତାଞ୍ଜଳି ବୋଇତେଇ ପ୍ରମୂଖ ଯୋଗଦେଇଥିଲେ ।ସଭାରେ ସଚେତନତା ପାଲା,ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କନ୍ୟା ଭ୍ରୁଣ ହତ୍ୟା ନକରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏଲଇଡି ମାଧ୍ୟମରେ ପ୍ରଦର୍ଶିତ କରା ଯାଇଥିଲା। ଇତି ଅବସରରେ ମିଶନଶକ୍ତି ମହିଳା ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ଅତିଥି ଦେଖିବା ସହ ଭୂୟସି ପ୍ରଶଂଶା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଟଯନ୍ତ୍ରୀ ପ୍ରକାଶ ଟାଇସନ, ବିଏଲସି ବବିତା ବେହେରା, ସମାଜସେବୀ ଦିଲ୍ଲିପକୁମାର ସ୍ୱାଇଁ, ଭାଗ୍ୟକମଳ ବୋଇତେଇ, ବିଶ୍ୱରଂଜନ ବେହେରା ପ୍ରମୂଖ ସକ୍ରିୟ ସହଯୋଗ କରିଥିଲେ।

**ହାଟଡ଼ିହୀ/ସୋସୋ:** 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ହାଟଡ଼ିହୀ ବ୍ଲକର ହାବଳେଶ୍ୱର, ସଡ଼ଙ୍ଗ ଏବଂ ପଡ଼ିଆରିପଲ୍ଲୀ ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ହାଟଡ଼ିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ ଓ ବରିଷ୍ଠ ବିଜେଡି ନେତା ଅଭିମନ୍ୟୁ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ହାବଳେଶ୍ୱର ପଞ୍ଚାୟତର ସରପଞ୍ଚ ରମାକାନ୍ତ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ପଞ୍ଚାୟତର ପିଇଓ ଶରତ ଚନ୍ଦ୍ର ସାହୁ, ଜିଆରଏସ୍ ନବଘନ ନାୟକ, ସମିତିସଭ୍ୟ ତାରିଣୀ ପ୍ରସାଦ ସେନାପତି, ଗୌରାଙ୍ଗ ଚରଣ ସା, ନୀଳମଣି ସିଂ, ଭାନୁମତୀ ବର୍ଦ୍ଧନ, ଶତ୍ରୁଘ୍ନ ମଲ୍ଲିକ, ହାଡ଼ିବନ୍ଧୁ ମଲ୍ଲିକ, ଅଜୟ କୁମାର ପଣ୍ଡା, ହରେକୃଷ୍ଣ ସେନାପତି ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସଡ଼ଙ୍ଗ ପଞ୍ଚାୟତରେ ସରପଞ୍ଚ ଅନ୍ତର୍ଯ୍ୟାମୀ ଖଣ୍ଡେଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ମହେଶ୍ୱର ସାହୁ, ଜିଆରଏସ୍ ଗଣେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ପଡ଼ିଆରିପଲ୍ଲୀ ସରପଞ୍ଚ ଅଜିତ୍ ରାଉତଙ୍କ ନେତୃତ୍ୱରେ କର୍ଯ୍ୟକ୍ରମରେ ପିଇଓ ରମେଶ ଚନ୍ଦ୍ର ମାଝୀ, ଜିଆରଏସ୍ ଜିନତ୍ ଖାତୁନ୍, ସମିତିସଭ୍ୟା ସୁକାନ୍ତି ଗିରି ପ୍ରମୁଖଙ୍କ ସହ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ କୁନି କୁନି ପିଲାମାନଙ୍କ ନାଚଗୀତ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସୁରଥ ସାହୁ, ରବିନ୍ଦ୍ର ରାଉତ, ବଳରାମ ଗିରି, ମୁନ୍ନା ରାଉତ ପ୍ରମୁଖଙ୍କ ସହ ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

**ଯୋଡା:** ଯୋଡା ବ୍ଲକ ଚମକପୁର ଏବଂ କଣ୍ଡରା ଠାରେ ଆମ ଓଡିଶା ନବୀନ ଓଡିଶାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁ ଯୋଗଦେଇଥିବା ବେଳେ ଚମକପୁର ସରପଞ୍ଚ ସକୁନ୍ତଳା ନାଏକ, ନାଏବ ସରପଞ୍ଚ ଅର୍ଜୁନ ଚରଣ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାଏକ, ପୂର୍ବାଚନ ସରପଞ୍ଚ ପ୍ରଭାକର ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗଦେଇଥିଲେ। ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଧାର୍ମିକ ସ୍ଥଳ ଗୁଡିକର ରୂପାନ୍ତରିକରକଣ, ମହିଳା ସଶକ୍ତିକରଣ, ବିଭିନ୍ନ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ଗୁଡିକର ରୂପାନ୍ତରିକରଣ, କ୍ରୀଡ଼ା ଭୂତ୍ତିଭୂମିର ବିକାଶ ପ୍ରଭୃତି ନବୀନ ସରକାରଙ୍କର ଲୋକାଭୂମିଖି ବିକାଶ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ଜ୍ୟୋତିପୁର ଠାରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ତଥା କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ୧୫ ନମ୍ବର ଯୋନ ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାଏକ ସ୍ଥାନୀୟ ସରପଞ୍ଚ ସ୍ନେହଲତା ନାଏକ ସମିତିସଭ୍ୟା ସୁକାନ୍ତି ନାଏକ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟଜନ ପ୍ରତିନିଧିଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇ ଥିଲେ।








